# NATIONAL NEWS BULLETIN (ODIA)

## 8 November- 2025

## Mid Bulletin : 1.50 p.m.

## ମୁଖ୍ୟ ସମ୍ବାଦ

- ଯୋଗାଯୋଗ ବ୍ୟବସ୍ଥା ବିକଶିତ ହେବାଦ୍ୱାରା ଦେଶ ବିକାଶର ପଥ ଅଧିକ ଉନ୍ମୁକ୍ତ ହୋଇପାରିବ ବୋଲି କହିଲେ ପ୍ରଧାନମନ୍ତ୍ରୀ ।

- ବିହାରରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଜୋର୍ ଧରିଛି ପ୍ରଚାରକାର୍ଯ୍ୟ ।

  - ଆସନ୍ତା କାଲି ହେଉଛି ପ୍ରଚାରର ଶେଷ ଦିବସ ।

- ଆସନ୍ତାମାସ ପହିଲାରୁ ୧୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ସଂସଦର ଶୀତ ଅଧିବେଶନ ।

- ଚଳିତବର୍ଷ ଦକ୍ଷିଣ ଆଫ୍ରିକା ଜି-୨୦ ସମ୍ମିଳନୀରେ କୌଣସି ଆମେରିକୀୟ ଅଧିକାରୀ ଯୋଗଦେବେ ନାହିଁ ବୋଲି ଆମେରିକା ରାଷ୍ଟ୍ରପତିଙ୍କ ଘୋଷଣା ।

ଏବଂ

- ବ୍ରିସ୍‌ବେନ ଟି-୨୦ ପୁରୁଷବର୍ଗ କ୍ରିକେଟ୍ ପ୍ରତିଯୋଗିତାରେ ଟସ୍‌ଜିତି ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ଅଷ୍ଟ୍ରେଲିଆ ।

# ପିଏମ୍ ବାରାଣାସୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବନ୍ଦେ ଭାରତ, ନମୋ ଭାରତ ଏବଂ ଅମୃତ ଭାରତ ଭଳି ଟ୍ରେନ୍ ଗୁଡ଼ିକ ଭାରତୀୟ ରେଳଭାଇର ପରବର୍ତ୍ତୀ ପୀଢ଼ି ପାଇଁ ମୁଳଦୁଆ ସ୍ଥାପନ କରୁଛି । ବନାରସ ରେଳଷ୍ଟେସନରେ ଆଜି ୪ଟି ନୂତନ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଏହି ଟ୍ରେନ୍‌ଗୁଡ଼ିକ ଭାରତୀୟଙ୍କ ପାଇଁ, ଭାରତୀୟଙ୍କ ଦ୍ୱାରା ଏବଂ ଏବଂ ଭାରତୀୟଙ୍କର ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM on Railway)**

ଏଥିସହ ବନ୍ଦେ ଭାରତ ଟ୍ରେନ୍ ଚଳାଚଳ ସଂଖ୍ୟା ୧୬୦ରୁ ଅଧିକ ହୋଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଭିତ୍ତିଭୂମିର ବିକାଶ ଉପରେ ଦେଶ ବିକାଶ ନିର୍ଭର କରିଥାଏ । ଯୋଗାଯୋଗ ବ୍ୟବସ୍ଥା ବିକଶିତ ହେଲେ ହିଁ ଯେକୌଣସି ଦେଶ ବିକାଶ ପଥରେ ଅଧିକ ଗତିଶୀଳ ହୋଇପାରିବ । ଭାରତ ସେ ଦିଗରେ ଦ୍ରୁତଗତିରେ ଆଗକୁ ବଢୁଛି । ପର୍ଯ୍ୟଟନକ୍ଷେତ୍ରର ବିକାଶ ଦ୍ୱାରା ଉତ୍ତରପ୍ରଦେଶର ବିକାଶ ଅଧିକ ତ୍ୱରାନ୍ୱିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଅଯୋଧ୍ୟାରେ ବାବା ବିଶ୍ୱନାଥ ଧାମ ଏବଂ ରାମମନ୍ଦିର ନିର୍ମାଣ ପାରେ ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗିରହିବା ସହ ଉତ୍ତରପ୍ରଦେଶରେ ପର୍ଯ୍ୟଟନକ୍ଷେତ୍ର ତ୍ୱରାନ୍ୱିତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM on Tourist Place)**

ଉତ୍ତରପ୍ରଦେଶର କାଶୀ ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟ ରାଜଧାନୀ ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ମହାମନ କର୍କଟ ହସ୍ପିଟାଲ ଏବଂ

ଶଙ୍କର ନେତ୍ରାଳୟ ରୋଗୀଙ୍କ ପାଇଁ ବରଦାନ ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯୋଗ ଦେଇଥିଲେ ।

# ବିହାର କ୍ୟାମ୍ପେନିଂ

ବିହାରରେ ଦ୍ୱିତୀୟ ନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିଛି । ଏହି ପର୍ଯ୍ୟାୟ ପାଇଁ ଆସନ୍ତାକାଲି ହେଉଛି ପ୍ରଚାରର ଶେଷଦିବସ । ବିଭିନ୍ନ ରାଜନୈତିକ ଦଳର ନେତା ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ର୍‍ୟାଲି ଓ ଜନସମାବେଶ ଗୁଡ଼ିକରେ ଅଂଶଗ୍ରହଣ କରୁଛନ୍ତି । ସୀତାମାଢ଼ିଠାରେ ଏକ ନିର୍ବାଚନୀ ସମାରୋହ ସମାବେଶକୁ ସମ୍ବୋଧନ କରି ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଏନ୍‌ଡିଏ ବିକାଶ ଉପରେ ଧ୍ୟାନ ଦେବା ସହ ରାଜ୍ୟର ଐତିହ୍ୟ ସଂରକ୍ଷଣ ଦିଗରେ କାର୍ଯ୍ୟ କରିଥାଏ । ନୀତିଶକୁମାରଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବିହାରରେ ଲୋକଙ୍କ ବିକାଶକୁ ପୁନଃ ପ୍ରତିଷ୍ଠା କରିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ବେଟିଆଠାରେ ନିର୍ବାଚନୀ ସମାବେଶକୁ ସମ୍ବୋଧିତ ଶ୍ରୀ ମୋଦୀ କହିଛନ୍ତି ଏନ୍‌ଡିଏର ଡବଲ ଇଞ୍ଜିନ ସରକାର ବିହାରର ସଫଳତା  ଏବଂ ଭବିଷ୍ୟତ ଦୃଷ୍ଟିକୋଣ ଉଭୟ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛି । ଏନ୍‌ଡିଏ ନେତୃତ୍ୱାଧୀନ ମେଣ୍ଟ ସରକାର ଭବିଷ୍ୟତକୁ ଦୃଷ୍ଟିରେ ରଖି ବିହାର ପାଇଁ ଏକ ସ୍ୱତନ୍ତ୍ର ରୂପରେଖ ପ୍ରସ୍ତୁତ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପୂର୍ଣ୍ଣିଆଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ବରିଷ୍ଠ ବିଜେପି ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱରେ ବିହାର ଏକ ବିକଶିତ ରାଜ୍ୟରେ ପରିଣତ ହୋଇପାରିବ ।

ଜନତାଦଳ (ସଂଯୁକ୍ତ) ସଭାପତି ତଥା ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଔରଙ୍ଗାବାଦର ରଫିଗଞ୍ଜ ଏବଂ ଗୟାର ଇମାମଗଞ୍ଜରେ ସାଧାରଣ ସଭାକୁ ସମ୍ବୋଧନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ, ମହାଗଠବନ୍ଧନ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ, ବିକାଶଶୀଳ ଇନ୍‌ସାନ ପାର୍ଟି ମୁଖ୍ୟ ତଥା ମହାଗଠବନ୍ଧନର ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମୁକେଶ ସାହାନି ଏବଂ ଜନସ୍ୱରାଜ ପାର୍ଟି ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର ଭିନ୍ନ ଭିନ୍ନ ନିର୍ବାଚନୀ ସମାବେଶରେ ଯୋଗଦେଇ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଭିକ୍ଷା କରିଛନ୍ତି ।

ଏହି ପର୍ଯ୍ୟାୟରେ ଆସନ୍ତା ୧୧ ତାରିଖରେ ୨୦ଟି ଜିଲ୍ଲାର ୧୨୨ଟି ଆସନରେ ମତଗ୍ରହଣ କରାଯିବ ।

## ରିଜିଜୁ-ପାର୍ଲ୍ୟାମେଣ୍ଟ ସେସନ

ସଂସଦର ଶୀତ ଅଧିବେଶନ ଆସନ୍ତାମାସ ପହିଲାରୁ ୧୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୀତ ଅଧିବେଶନ ନେଇ ସରକାରଙ୍କ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରିଜିଜୁ କହିଛନ୍ତି ଅଧିବେଶନ କାଳରେ ବିଭିନ୍ନ ପ୍ରସଙ୍ଗରେ

ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ଼ କରିବା ଏବଂ ଦେଶବାସୀଙ୍କ ଆଶା, ଆକାଂକ୍ଷା ପୂରଣ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବା ନେଇ ସରକାର ଆଶା ରଖିଛନ୍ତି ।

## ପିଏମ୍-ଏଲ୍‌କେ ଆଡଭାନୀ

ବରିଷ୍ଠ ବିଜେପି ନେତା ଲାଲକୃଷ୍ଣ ଆଡଭାନୀଙ୍କ ୯୮ତମ ଜନ୍ମଦିନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଶ୍ରୀ ଆଡଭାନୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ପ୍ରାର୍ଥନା କରିଛନ୍ତି । ଶ୍ରୀ ଆଡଭାନୀ ଜଣେ ଦୂରଦୃଷ୍ଟି ଏବଂ ବୁଦ୍ଧିମତାସମ୍ପନ୍ନ ରାଷ୍ଟ୍ରନେତା ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ଶ୍ରୀ ଆଡଭାନୀଙ୍କୁ ଦେଶର ଜଣେ ପ୍ରତିଷ୍ଠିତ ରାଜନେତା ଏବଂ ଗଣତାନ୍ତ୍ରିକ ଯାତ୍ରାରେ ମାର୍ଗଦର୍ଶକ ଭାବେ ଅଭିହିତ କରିଛନ୍ତି ।

## ଦିଲ୍ଲୀ ଏୟାରପୋର୍ଟ

ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦରର ସମସ୍ତ ରୁଟ୍‌ରେ ବିମାନ ଚଳାଚଳ ସ୍ୱାଭାବିକ ହୋଇଛି । ବିମାନ ଚଳାଚଳର ସଦ୍ୟତମ ସ୍ଥିତି ନେଇ ସଂପୃକ୍ତ ବିମାନ କମ୍ପାନୀ ସହିତ ଯୋଗାଯୋଗ କରିବାକୁ ଦିଲ୍ଲୀ ବିମାନବନ୍ଦର ପକ୍ଷରୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି ।

ସୂଚନାଯୋଗ୍ୟ ଏୟାର ଟ୍ରାଫିକ କଣ୍ଟ୍ରୋଲ ଉଡାଣ ବ୍ୟବସ୍ଥା ପ୍ରକ୍ରିୟାକୁ ସହଯୋଗ ପ୍ରଦାନ କରୁଥିବା ସ୍ୱୟଂଚାଳିତ ବାର୍ତ୍ତା ପ୍ରଦାନକାରୀ ବ୍ୟବସ୍ଥା ଏଏମ୍ଏସ୍ଏସ୍‌ରେ ସମସ୍ୟା ଯୋଗୁଁ ଗତକାଲି ନୂଆଦିଲ୍ଲୀ ବିମାନ ବନ୍ଦରରେ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା ।

## ଇଣ୍ଡିଆ-କୋପ୍ ୩୦

ବ୍ରାଜିଲରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଦୀନେଶ ଭାଟିଆ ଜଳବାୟୁ ସଂରକ୍ଷଣ କ୍ଷେତ୍ରରେ ଭାରତର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଛନ୍ତି । ବେଲେନଠାରେ ଚାଲିଥିବା ଜାତିସଂଘ ଜଳବାୟୁ ସମ୍ମିଳନୀ କୋପ୍-୩୦ରେ ଯୋଗଦେଇ ଶ୍ରୀ ଭାଟିଆ କହିଛନ୍ତି । ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ସହିତ ପରିବେଶ ସୁରକ୍ଷା ଦିଗରେ ଭାରତ ଗତ ଦଶନ୍ଧିଧରି ନିରନ୍ତର ପ୍ରୟାସ ଜାରି ରଖିଛି । ଜଳବାୟୁ କ୍ଷେତ୍ରରେ ଅନ୍ତର୍ଭୁକ୍ତିମୂଳକ, ନିରପେକ୍ଷ, ମହତ୍ୱାକାଂକ୍ଷୀ ଏବଂ ସ୍ଥାୟୀତ୍ୱ ଦିଗରେ ଅନ୍ୟ ରାଷ୍ଟ୍ରଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଭାରତ ପ୍ରସ୍ତୁତ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ନିର୍ଦ୍ଧାରିତ ସମୟ ପୂର୍ବରୁ ଜଳବାୟୁ କ୍ଷେତ୍ରରେ ରହିଥିବା ଲକ୍ଷ୍ୟକୁ ହାସଲ କରିସାରିଛି ବୋଲି ସେ କହିଛନ୍ତି । ଜଙ୍ଗଲ ସୃଷ୍ଟି ଦିଗରେ ଭାରତର ପ୍ରୟାସ ଉପରେ ଆଲୋକପାତ କରି ଶ୍ରୀ ଭାଟିଆ ଦେଶର ଭୌଗୋଳିକ କ୍ଷେତ୍ରର ୨୫

ଦଶମିକ ୧/୭ ପ୍ରତିଶତ ଏବେ ବୃକ୍ଷ ସଂରକ୍ଷିତ ଅଞ୍ଚଳ ହୋଇଛି ବୋଲି କହିଛନ୍ତି । ପ୍ରାୟ ୨ଶହ ଗିଗାୱାଟ ନବୀକରଣୀୟ ଶକ୍ତି ସହ ଭାରତ ଏବେ ବିଶ୍ୱର ତୃତୀୟ ସର୍ବବୃହତ୍ ନବୀକରଣୀୟ ଉତ୍ପାଦକ ଭାବେ ମାନ୍ୟତା ହାସଲ କରିଛି ବୋଲି ଶ୍ରୀ ଭାଟିଆ କହିଛନ୍ତି ।

## ଟ୍ରମ୍ପ

ଚଳିତବର୍ଷ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବା ଜି-୨୦ ସମ୍ମିଳନୀରେ କୌଣସି ଆମେରିକୀୟ ଅଧିକାରୀ ଯୋଗଦେବେ ନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି । ଦକ୍ଷିଣ ଆଫ୍ରିକାରେ ସଂଖ୍ୟାଲଘୁ ଶ୍ୱେତବର୍ଣ୍ଣ ଚାଷୀଙ୍କ ପ୍ରତି ଦୁର୍ବ୍ୟବହାର ଅଭିଯୋଗ ନେଇ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଶ୍ରୀ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ଦକ୍ଷିଣ ଆଫ୍ରିକା ସରକାର ସେଠାକାର ଶ୍ୱେତବର୍ଣ୍ଣ ଚାଷୀଙ୍କ ବିରୁଦ୍ଧରେ ହିଂସା, ହତ୍ୟା ଏବଂ ଅବୈଧ ଜମି ଦଖଲକୁ ଅନୁମତି ପ୍ରଦାନ କରିଛନ୍ତି । ଆସନ୍ତାବର୍ଷ ମିଆମିରେ ଜି-୨୦ ସମ୍ମିଳନୀ ଆୟୋଜନକୁ ସେ ଅପେକ୍ଷା କରିଛନ୍ତି ବୋଲି ଶ୍ରୀ ଟ୍ରମ୍ପ କହିଛନ୍ତି । ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ସରକାର ଏଭଳି ଅଭିଯୋଗକୁ ଦୃଢ଼ଭାବେ ଖଣ୍ଡନ କରିଛନ୍ତି । ରାଷ୍ଟ୍ରପତି ସିରିଲି ରାମାଫୋସା ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ତଥ୍ୟଭିତ୍ତିକ ନୁହେଁ ବୋଲି କହିଛନ୍ତି ।

## ଛତିଶଗଡ ମାଓଇଷ୍ଟ

ଛତିଶଗଡ ଗରିଆବନ୍ଦ ଜିଲ୍ଲାରେ ୭ଜଣ ମାଓବାଦୀ ଆଜି ଆତ୍ମସମର୍ପଣ କରିଛନ୍ତି । ରାୟପୁର ରେଞ୍ଜ ଆଇଜି ଅମରେଶ ମିଶ୍ରଙ୍କ ସମ୍ମୁଖରେ ସେମାନେ ଅସ୍ତ୍ରଶସ୍ତ୍ର ଦାଖଲ କରି ଆତ୍ମସମର୍ପଣ କରିଛନ୍ତି । ଏହି ମାଓବାଦୀଙ୍କ ଉପରେ ମୋଟ ୩୭ଲକ୍ଷ ଟଙ୍କାର ପୁରସ୍କାର ରାଶି ପୂର୍ବରୁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା ।

## କ୍ରିକେଟ୍-ଇଣ୍ଡିଆ-ଅଷ୍ଟ୍ରେଲିଆ

ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ପୁରୁଷବର୍ଗ ଟି-୨୦ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ଆଜି ବ୍ରିସବେନଠାରେ ଖେଳାଯାଉଛି । ଟସ୍ ଜିତି ଅଷ୍ଟ୍ରେଲିଆ ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଛି । ଚଳିତ ସିରିଜ୍‌ରେ ଭାରତ ୨-୧ରେ ଆଗୁଆ ରହିଛି । ପ୍ରଥମ ମ୍ୟାଚ୍‌ଟି ବର୍ଷା ଯୋଗୁଁ ବାତିଲ ହୋଇଯାଇଥିଲା ।

## ଚେସ୍ ଗ୍ରାଣ୍ଡମାଷ୍ଟର

ରାହୁଲ ଭି.ଏସ୍ ଭାରତର ୯୧ତମ ଗ୍ରାଣ୍ଡମାଷ୍ଟର ମାନ୍ୟତା ପାଇଛନ୍ତି । ଷଷ୍ଠ ଏସୀଆନ୍ ବ୍ୟକ୍ତିଗତ ଚେସ୍ ଚମ୍ପିଆନ୍‌ସିପ ପ୍ରତିଯୋଗିତାରେ ବିଜୟୀ ହେବା ପରେ ରାହୁଲ ଏହି ମାନ୍ୟତା ପାଇଛନ୍ତି । ପୂର୍ବରୁ ୨୦୨୧ ନଭେମ୍ବରରେ ରାହୁଲ ୨ହଜାର ୪୦୦ ଲାଇଭ୍ ରେଟିଂ ଅତିକ୍ରମ କରି

ଆନ୍ତର୍ଜାତିକ ମାଷ୍ଟର ଟାଇଟଲ ହାସଲ କରିଥିଲେ । ସୂଚନାଯୋଗ୍ୟ ସପ୍ତାହେ ପୂର୍ବରୁ ଚେନ୍ନାଇର ଇଲାମ୍ପର୍ଥି ଦେଶର ୯୦ତମ ଗ୍ରାଣ୍ଡମାଷ୍ଟର ମାନ୍ୟତା ପାଇଥିଲେ ।